# NATIONAL NEWS BULLETIN (ODIA)

## 1 November - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଗୁଜରାଟର ପିପ୍ଲାଜ୍ ଠାରେ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ପ୍ଲାଣ୍ଟର ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ତିରାନା ଠାରେ ଭାରତ ଏବଂ ଆଲବାନିଆ ମଧ୍ୟରେ ଦ୍ୱିପକ୍ଷିୟ କଥାବାର୍ତ୍ତା ଅନୁଷ୍ଠିତ ।
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଜି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ।
- ଆମେରିକାର ଇଡାହୋ ଠାରେ ଆସନ୍ତାକାଲି ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ସ୍ୱତନ୍ତ୍ର ସାମରିକ ଅଭ୍ୟାସ 'ବଜ୍ର ପ୍ରହାର'ର ହେବ ଆରମ୍ଭ ।

ଏବଂ

- ମୁମ୍ବାଇ ୱାଙ୍ଖଡେ ଷ୍ଟାଡିୟମ୍‌ରେ ଚାଲିଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୮୬ରନ୍ ସଂଗ୍ରହ କରିଛି ଭାରତ ।

## ଅମିତ ଶାହା–ଗୁଜରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଅହମ୍ମଦାବାଦ ସହରର ପିପ୍ଲାଜ୍ ଠାରେ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ପ୍ଲାଣ୍ଟର ଉଦ୍‌ଘାଟନ କରିଛନ୍ତି । ୩୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ରାଜ୍ୟର ଏହି ପ୍ରଥମ ସର୍ବବୃହତ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ପ୍ଲାଣ୍ଟ ରାଜ୍ୟ ସରକାର ଏବଂ ଜିନ୍ଦଲ, ଅର୍ବାନ୍ ଓ୍ୱେଷ୍ଟର୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀର ମିଳିତ ସହଭାଗିତାରେ ସ୍ଥାପନ କରାଯାଇଛି । ଦୈନିକ ଏକ ହଜାର ମେଟ୍ରିକ୍‌ଟନ୍ କଠିନ ବର୍ଜ୍ୟବସ୍ତୁରୁ ୧୫ ମେଗାଓ୍ୱାଟ୍ ଶକ୍ତି ଉତ୍ପାଦନ କରିବାର କ୍ଷମତା ଏହି କେନ୍ଦ୍ରର ରହିଛି । ଏହି ସମାରୋହରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ଉପସ୍ଥିତ ଥିଲେ ।

## ଭାରତ–ଆଲବାନିଆ

ତିରାନା ଠାରେ ଭାରତ ଏବଂ ଆଲବାନିଆ ମଧ୍ୟରେ ଦ୍ୱିପକ୍ଷିୟ କଥାବାର୍ତ୍ତା ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅରୁଣ କୁମାର ସାହୁ ଏହି ଦ୍ୱିପକ୍ଷିୟ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି । ଏଥିରେ ଉଭୟ ପକ୍ଷ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସ୍ତରର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଉଭୟ ଦେଶ ମଧ୍ୟରେ ରାଜନୈତିକ ସମ୍ପର୍କ, ବାଣିଜ୍ୟ, ସାଂସ୍କୃତିକ ସମ୍ପର୍କ ଏବଂ ଲୋକସମ୍ପର୍କକୁ ବୃଦ୍ଧି କରିବା ପାଇଁ ସହମତି ପ୍ରକାଶ କରିଥିଲେ । ଅତିରିକ୍ତ

ସଚିବ ଶ୍ରୀ ସାହୁ ଆଲବାନିଆର ଉପ-ଅର୍ଥ, ସଂସ୍କୃତି ମନ୍ତ୍ରୀ ଓଲଟା ମାଞ୍ଚାନୀଙ୍କ ସହ ସାକ୍ଷାତ କରିଥିଲେ । ଉଭୟ ଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ବିନିମୟ ଏବଂ ସମ୍ପର୍କ ବୃଦ୍ଧି କରିବା ପାଇଁ ଏଥିରେ ଆଲୋଚନା ହୋଇଥିଲା ।

## ଝାଡ଼ଖଣ୍ଡ ଇଲେକ୍ସନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି । ଏହି ପର୍ଯ୍ୟାୟରେ ୬୩୪ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଆଜି ସଂଧ୍ୟା ସୁଦ୍ଧା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସଂଖ୍ୟା ଜଣାପଡିବାର ସମ୍ଭାବନା ରହିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ବିଧାନସଭା ଆସନ ଲାଗି ଚଳିତମାସ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏହାପୂର୍ବରୁ ନଭେମ୍ବର ୧୩ ତାରିଖରେ ୪୩ଟି ଆସନ ପାଇଁ ମତଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ନିମନ୍ତେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୬୮୫ଜଣ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇଛି । ନଭେମ୍ବର ୨୩ରେ ଭୋଟ୍‌ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ ।

## କୋଲ ପ୍ରଡକସନ୍

ଚଳିତ ବର୍ଷ ଅକ୍ଟୋବର ମାସରେ କୋଇଲା ଉତ୍ପାଦନ ୪୪ ଦଶମିକ୍ ୪/୫ ମିଲିୟନ୍ ଟନ୍‌ରେ ପହଞ୍ଚିଥିବା ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ଗତବର୍ଷ ଏହି ମାସରେ କୋଇଲା ଉତ୍ପାଦନ ୭୮ ଦଶମିକ୍ ୫୭ ମେଟ୍ରିକ୍ ଟନ୍ ରହିଥିଲା । ଗତବର୍ଷ ତୁଳନାରେ ଚଳିତ ବର୍ଷ କୋଇଲା ଉତ୍ପାଦନ ୭ ଦଶମିକ୍ ୪/୮ ପ୍ରତିଶତ ବୃଦ୍ଧି ପାଇଥିବା ନେଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ତେବେ ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକର ମଧ୍ୟ କୋଇଲା ଉତ୍ପାଦନ ଅଭିବୃଦ୍ଧି ଉଲ୍ଲେଖନୀୟ ରହିଛି । ଯାହା ଗତବର୍ଷ ତୁଳନାରେ ୧୬ ଦଶମିକ୍ ୫/୯ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ପର୍ଯ୍ୟନ୍ତ କୋଇଲା ଉତ୍ପାଦନ ୫୩୭ ଦଶମିକ୍ ୪/୫ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ସେହିପରି ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୫୦୬ ଦଶମିକ୍ ୫/୬ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି, ଯାହାକି ୬ ଦଶମିକ୍ ୧/୦ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି ।

## ମାଣ୍ଡବ୍ୟ

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ସମ୍ମାନଜନକ ଜାତୀୟ ଯୁବ ପୁରସ୍କାର ୨୦୨୨-୨୩ ପାଇଁ ଆବେଦନ କରିବାକୁ ଯୁବକମାନଙ୍କୁ ଆହ୍ୱାନ କରିଛନ୍ତି ।  ସ୍ୱାସ୍ଥ୍ୟ, ମାନବାଧିକାର

କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା, ନାଗରିକତ୍ୱ ଏବଂ ସାମାଜିକ ଗୋଷ୍ଠୀ ସେବା ଭଳି ବିକାଶ ଓ ସାମାଜିକ ସେବାରେ ବିଭିନ୍ନ କ୍ଷେତ୍ରରେ ବିଶେଷ କାର୍ଯ୍ୟ କରିଥିବା ୧୫ ବର୍ଷରୁ ୨୯ ବର୍ଷ ଯୁବକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ସ୍ୱରୂପ ଏକ ପଦକ, ପ୍ରମାଣପତ୍ର ଏବଂ ଏକ ଲକ୍ଷ ଟଙ୍କା ନଗଦ ପୁରସ୍କାର ଦିଆଯାଇଥିବା ବେଳେ ସଂଗଠନକୁ ତିନି ଲକ୍ଷ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଛି । ଏକ ଭିଡ଼ିଓ ବାର୍ତ୍ତାରେ ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଏହି ପୁରସ୍କାର କେବଳ ଏକ ସମ୍ମାନ ନୁହେଁ ବରଂ ଏକ ପ୍ରଗତିଶୀଳ ଓ ସମାବେଶି ଭାରତକୁ ପ୍ରୋତ୍ସାହିତ କରିବାରେ ଯୁବ ନେତୃତ୍ୱର ଏକ ଉତ୍ସବ । ଜାତୀୟ ଯୁବ ପୁରସ୍କାର ୨୦୨୨-୨୩ ପାଇବା ପାଇଁ ଆଗ୍ରହୀ ଯୁବକମାନେ ମନ୍ତ୍ରଣାଳୟର କମନ୍ ଏୱାର୍ଡ୍ ପୋର୍ଟାଲ୍‌ରେ ଆଜିଠାରୁ ୧୫ ତାରିଖ ମଧ୍ୟରେ ଆବେଦନ କରିପାରିବେ ।

## କ୍ରାଇମ୍‌ବ୍ରାଞ୍ଚ୍-ହରିଆଣା

ହରିଆଣା ପୁଲିସ୍‌ର ଅପରାଧ ଶାଖା ନକଲି କମ୍ପାନୀ ଚଳାଇ ବେଆଇନ୍ ଭାବେ ବିଦେଶକୁ କଳାଧନ ପଠାଉଥିବା ଏକ ଦଳକୁ ଗିରଫ୍ କରିଛି । ଏହି ମାମଲାରେ ଏ ପର୍ଯ୍ୟନ୍ତ ୭ ଜଣଙ୍କୁ ଗିରଫ୍ କରାଯାଇଥିବା ବେଳେ ପୋଲିସ୍ ପକ୍ଷରୁ ୫ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି । ବିଦେଶରେ ଥିବା କିଛି କମ୍ପାନୀର ବ୍ୟାଙ୍କ୍ ଆକାଉଣ୍ଟକୁ ଏହି

ଅଭିଯୁକ୍ତମାନେ ପ୍ରାୟ ୭୦୦ କୋଟି ଟଙ୍କା ପଠାଇଥିବା ପ୍ରମାଣ ମିଳିଛି ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି । ଏମାନଙ୍କର ଦିଲ୍ଲୀ, ଡେରାଡୁନ୍, ସୋନିପଥ ଫରିଦାବାଦ ଆଦି ଅଞ୍ଚଳର ବୋଲି ଜଣାପଡ଼ିଛି । ଚଢ଼ାଉ ସମୟରେ ୨୬ଟି ମୋବାଇଲ୍ ଫୋନ୍, ଲାପ୍‌ଟପ୍, କମ୍ପାନୀର ସିଲ୍ ଆଦି ପୁଲିସ୍ ଜବତ କରିଛି । ଗିରଫ୍ ହୋଇଥିବା ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ହତ୍ୟା ଏବଂ ଆକ୍ରମଣର ମାମଲା ମଧ୍ୟ ରୁଜୁ କରାଯାଇଛି ବୋଲି ପୁଲିସ୍ କହିଛି ।

## ସାମରିକ ଅଭ୍ୟାସ

ଭାରତୀୟ ସେନା ଆସନ୍ତାକାଲି ଠାରୁ ଆମେରିକାର ଇଡାହୋ ସ୍ଥିତ ଓରକାର୍ଡ୍ କମ୍ବାଟ୍ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ୧୫ତମ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ସ୍ୱତନ୍ତ୍ର ସାମରିକ ଅଭ୍ୟାସ ବଜ୍ର ପ୍ରହାରରେ ଅଂଶଗ୍ରହଣ କରିବା ପାଇଁ ଗସ୍ତ କରିଛି । ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତବର୍ଷ ମେଘାଳୟର ଉମ୍‌ରୋଇ ଠାରେ ଡିସେମ୍ବର ମାସରେ ଉଭୟ ଦେଶ ଏହି ମିଳିତ ସମରାଭ୍ୟାସ କରିଥିଲେ । ଭାରତ ଏବଂ ଆମେରିକା ସେନା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏହି ବଜ୍ର ପ୍ରହାର ସମରାଭ୍ୟାସ ଅନୁଷ୍ଠିତ ହେଉଛି । ଗତ ସେପ୍ଟେମ୍ବର ମାସରେ ରାଜସ୍ଥାନ ଠାରେ ଯୁଦ୍ଧ ଅଭ୍ୟାସ ୨୦୨୪ ଅନୁଷ୍ଠିତ ହୋଇଥିଲା । ଉଭୟ ଦେଶରୁ ୪୫ ଜଣ ସେନା କର୍ମୀ ଏଥିରେ ଭାଗ ନେଉଛନ୍ତି ବୋଲି

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭାରତୀୟ ସେନା ପକ୍ଷରୁ ସ୍ପେଶିଆଲ୍ ଫୋର୍ସେସ୍ ୟୁନିଟ୍ ଅଂଶଗ୍ରହଣ କରିବାକୁ ଥିବା ବେଳେ ଆମେରିକା ସେନା ପକ୍ଷରୁ ଗ୍ରୀନ୍ ବେରେଟ୍ସ ଏଥିରେ ସାମିଲ ହେବେ । ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧି କରିବା ସହ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିବା ପାଇଁ ଏହି ବଜ୍ର ପ୍ରହାର ସମରାଭ୍ୟାସର ଆୟୋଜନ କରାଯାଉଛି । ମରୁଭୂମି ଏବଂ ସେଭଳି ଭୌଗଳିକ ପରିସ୍ଥିତିରେ କିଭଳି ଉଭୟ ଦେଶର ସେନା ମିଳିତ ଭାବେ ବିଭିନ୍ନ ଅଭିଯାନରେ ସାମିଲ ହୋଇପାରିବେ ସେଥିପାଇଁ ଏହି ସମରାଭ୍ୟାସର ଆୟୋଜନ କରାଯାଉଛି । ଏହି ସମାରାଭ୍ୟାସରେ ସେନାକର୍ମୀମାନଙ୍କ ଶାରିରୀକ ସୁସ୍ଥତା, ମିଳିତ ଯୋଜନା ଏବଂ କୌଶଳ କିଭଳି ଯୋଜନାବଦ୍ଧ ଭାବେ ପ୍ରୟୋଗ କରାଯାଇପାରିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯିବ ।

## ଇଣ୍ଡିଆ-ଚାଇନ୍ ପେଟ୍ରୋଲିଂ

ପୂର୍ବ ଲଦାଖ ଅଞ୍ଚଳର ବାସ୍ତବିକ ନିୟନ୍ତ୍ରଣ ରେଖାରେ ଭାରତୀୟ ସେନା ଏବଂ ଚୀନ୍ ସେନା ପଇଁତରା ମାରିବା ଆରମ୍ଭ କରିଛି । ଭାରତୀୟ ସେନା ପକ୍ଷରୁ କୁହାଯାଇଛି, ଡେମ୍‌ଚୋକ୍ ଅଞ୍ଚଳରେ ସେନା ପକ୍ଷରୁ ଏହି ପେଟ୍ରୋଲିଂ ଆରମ୍ଭ କରାଯାଇଛି ।

ସୂଚନା ଯୋଗ୍ୟ ଗତ ୨୦୨୦ ଏପ୍ରିଲ୍ ମାସରେ ଦୁଇ ଦେଶର ସେନାକର୍ମୀଙ୍କ ମଧ୍ୟରେ ଘଟିଥିବା ସଂଘର୍ଷକୁ ନେଇ ଏହି ଅଞ୍ଚଳରେ ପେଟ୍ରୋଲିଂ ବନ୍ଦ ରହିଥିଲା । ଡେପ୍‌ସଙ୍ଗ୍‌ରେ ମଧ୍ୟ ସେନା ପକ୍ଷରୁ ପେଟ୍ରୋଲିଂ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି । ଗତ ମାସରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ଏବଂ ପ୍ରତିରକ୍ଷା ସ୍ତରରେ ବାରମ୍ବାର ଆଲୋଚନା ହେବା ପରେ ଏହି ପେଟ୍ରୋଲିଂ ପୁନଃ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ଦୀପାବଳି ଅବସରରେ ଗତକାଲି ଉଭୟ ଦେଶର ସେନା କର୍ମୀମାନେ ଚୁଶୁଲ୍ ମୋଲଡୋ, ଦୌଲତବେଗ ଓଲଡି, ହଟ୍ ସ୍ପିଙ୍ଗ୍, କେକେ ପାସ୍ ଏବଂ କୋଙ୍ଗଲା ବାସ୍ତବିକ ନିୟନ୍ତ୍ରଣରେଖା ଅଞ୍ଚଳରେ ମିଷ୍ଟାନ୍ନ ଦିଆନିଆ ହୋଇଥିଲେ ।

## ସ୍ପେନ୍ ଡେଥ୍ ଟୋଲ

ସ୍ପେନ୍‌ରେ ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୨୦୨କୁ ବୃଦ୍ଧି ପାଇଛି । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅନେକ ଲୋକ ନିଖୋଜ ଥିବା ଜଣାପଡିଛି । ୮ ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ଭାଲେନ୍ସିଆ ଏବଂ ମାଲାଗା ଭଳି ସହରରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଯେଉଁଥିରେ ଘର ଏବଂ କାର୍‌ଗୁଡ଼ିକ ଭାସିଯାଇଥିଲା । ସ୍ପେନ୍‌ର ପାଣିପାଗ ବିଭାଗର ସୂଚନା ଅନୁଯାୟୀ ସେଠାରେ ପ୍ରବଳ ବର୍ଷା ହେବାନେଇ ସତର୍କତା ଜାରି

କରାଯାଇଛି । ସେଠାରେ ବର୍ତ୍ତମାନ ୪୦ ହଜାର ଲୋକ ବିଦ୍ୟୁତ୍ ସରବରାହ ବିନା ରହିଛନ୍ତି । ସ୍ପେନ୍ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି । ସେଠାକାର ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ଇଣ୍ଡୋନେସିଆ-ଫାୟାର୍

ଇଣ୍ଡୋନେସିଆର ଜାକର୍ତ୍ତା ନିକଟରେ ଏକ ତୈଳ କାରଖାନାରେ ଅଗ୍ନିକାଣ୍ଡ ଘଟି ୮ ଜଣ ଲୋକଙ୍କର ପ୍ରାଣହାନୀ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ଇଣ୍ଡୋନେସିଆ କର୍ତ୍ତୃପକ୍ଷ କହିଛନ୍ତି, ଅଗ୍ନିକାଣ୍ଡ ସ୍ଥଳରୁ ସମସ୍ତଙ୍କୁ ସ୍ଥାନାନ୍ତର କରାଯାଇଛି । ତେବେ ମୃତାହତ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି । ୨୦ଟି ଦମକଳ ବାହିନୀ ନିଆଁକୁ ଆୟତ୍ତ କରିବା ପାଇଁ ନିୟୋଜିତ ହୋଇଛି । ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ବୋଲି  ସେଠାକାର ସରକାର କହିଛନ୍ତି ।

## କ୍ରିକେଟ : ଇଣ୍ଡିଆ-ନ୍ୟୁଜିଲାଣ୍ଡ

ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ଖେଳରେ ଷ୍ଟମ୍ପ୍

ଅପସାରଣ ବେଳକୁ ଭାରତ ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୮୬ରନ୍ କରିଛି । ଶୁଭମନ ଗିଲ୍ ୩୧ ଏବଂ ରିଷଭ ପନ୍ଥ ୧ ରନ୍ କରି ନଟ୍‌ଆଉଟ୍ ରହିଛନ୍ତି ।

ପୂର୍ବରୁ ନ୍ୟୁଜିଲାଣ୍ଡ ଟସ୍ ଜିତି ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୨୩୫ରନ୍ କରିଥିଲା । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ୫ଟି ଏବଂ ୱାଶିଂଟନ୍ ସୁନ୍ଦର ୪ଟି ୱିକେଟ୍ ହାସଲ କରିଥିଲେ ।

ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଥମ ଦୁଇଟି ଟେଷ୍ଟମ୍ୟାଚ୍‌ରେ ବିଜୟଲାଭ କରି ସିରିଜ୍ ବିଜୟୀ ହୋଇସାରିଛି । ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓ ପୁଣେରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଛି ।